# ତହସିଲ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଜିଲ୍ଲା ଗଜପତି ।

## ଦୀର୍ଘମିଆଦି ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ପ୍ରୋସେସ୍ ସଂଖ୍ୟା: ୭୩୬୯/ସଇରତ ତାରିଖ.୧୭.୧୨.୨୦୧୮

ଏତ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ୫ ବର୍ଷ ନିମନ୍ତେ ୨୦୧୮–୧୯ ଆର୍ଥିକ ବର୍ଷଠାରୁ ୨୦୨୨–୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016 ଓ 2017 ଓ 2018 ଅନୁଯାୟୀ (Form-M) ପୂରଣ କରି ୩ଟି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, ପାରଳାଖେମୁଣ୍ଡିଙ୍କ କାର୍ଯ୍ୟାଳୟରେ ଥିବା DROP BOX ରେ ଆସନ୍ତା ତା. 20.11.2018 ରିଖଠାରୁ ତା. 31.12.2018 ରିଖ ମଧ୍ୟରେ ପକାଇପାରିବେ(ଛୁଟିଦିନ ବ୍ୟତୀତ) ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେଶ୍ ନଂମ୍ବର ଲେଖାଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ ଦିନ ଆପରାହ୍ନ ୫ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା,କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ଗଜପତିଙ୍କର ରହିଅଛି । ତା. 02.01.2019. ରିଖ ସକାଳ ଘ.11.00. ଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ । କୌଣସି କାରଣ ବସତ ତା. 02.01.2019 ରିଖ ଲିଜ୍ ଦରଖାସ୍ତ ଗୁଡିକ ତନଖି କରାନଗଲେ ତାହା ତା. 03.01.2019 ଦିନ ତନଖି କରାଯିବ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍.** (୧).ଦରଖାସ୍ତ ପାଉଣା ବାବଦ ଟ. ୧୦୦୦ଙ୍କା (ଅଣଫେରସ୍ତ) ର ଟ୍ରେଜରୀ ଚାଲାଣ (୨).ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହଦୀର ସମ୍ପୂର୍ଣ୍ଣ ବିରବରଣୀ, ସମ୍ପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳ କରି ସଂଲଗ୍ନ କରିବେ । (୩). ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ପୈଠ ନ କରିଥିବା ସମ୍ବନ୍ଧୀୟ ସତ୍ୟପାଠ । (୪). ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ Solvency Certificate ସହ ସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର । (୫). ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା ନିଜର ଉପଲବଧି ଥିବା ଯନ୍ତ୍ରପାତି ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

**ବିଶେଷ ସର୍ତ୍ତାବଳୀ.** (୧).ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ OMMC Rule- 2016, 2017 ଓ 2018 ଓ Manual of Tahasil Account ର ପରିସରଭୁକ୍ତ ରହିବେ । (୨). ପ୍ରଚଳିତ ନିୟମାବଳୀ ଅନୁଯାୟୀ ସର୍ବୋଚ୍ଚ ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍‌ଧାରୀ ଚୟନ କରାଯିବ ।(୩). ଲିଜ୍‌ଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଆମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସର ୭ ଦିନ ମଧ୍ୟମରେ Demand Draft ମାଧ୍ୟମରେ କିମ୍ବା ନଗଦ ଟଙ୍କା ଆକାରରେ ତହସିଲଦାର, ପାରଳାଖେମୁଣ୍ଡିଙ୍କ ନିକଟରେ ଦାଖଲ କରିବେ । (୪). ଯଦି ନିଲାମଧାରୀ ନିର୍ଦ୍ଧାରିତ ସମୟରେ Mining Plan(in ZB Form) ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜ ପତ୍ର ଦାଖଲ ନ କରିନ୍ତି ତେବେ ଉକ୍ତ ଅର୍ଥକୁ ବାଜ୍ୟାପ୍ତି କରାଯିବ । (୫) Mining Plan ରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ Environment Clearance (The Chairman, State Environment Impact Assessment Authority) ଆଣିସାରିଲା ପରେ ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ରେଜିଷ୍ଟ୍ରେସନ୍ Orissa Registration Act.1908 & Stamp Act.1899 ଅନୁଯାୟୀ ଚୁକ୍ତିପତ୍ର Lease Deed ସମ୍ପାଦନ କରିବେ । (୬). ଯଦି ସର୍ବୋଚ୍ଚ ରୟାଲଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ । (୭). ଯଦି ଦରଖାସ୍ତକାରୀ ଧାର୍ଯ୍ୟ Royalty ମୂଲ୍ୟ ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । (୮). ନିଲାମଧାରୀମାନେ OMMC Rule- 2016, 2017 ଓ 2018 ର 33 ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ । (୯). ଲିଜ୍‌ଧାରୀ ଜମା Royalty ର ୨% ଅର୍ଥ ଆୟକର(T.D.S) ବାବଦକୁ ଚାଲାଣ ଆକାରରେ ଜମା କରିବେ । (୧୦). ଦରଖାସ୍ତରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଏବଂ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ । ଲିଜଧାରୀ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ଧାର୍ଯ୍ୟ କରି ନିୟମ ମାନିବାରେ ବାଧ ହେବେ । (୧୨). ଲିଜ୍‌ଧାରୀ ନିର୍ଦ୍ଧାରିତ

Scanned by CamScanner

. ପରିମାଣର ଲଘୁ ଖଣିଜ ଦ୍ରବ୍ୟ ବର୍ଷକୁ ଉତ୍ତୋଳନ କରିପାରିବେ । (୧୩). ପ୍ରତ୍ୟେକ ସୈରାତ ଉତ୍ସ ପାଇଁ ଅମାନତ ଅର୍ଥ (EMD) ପରିମାଣ ବିଜ୍ଞାପିତ ହୋଇଛି । (୧୪). ୫ ହେକ୍ଟରରୁ ଅଧିକ ଥିବା ସୈରାତ ଉତ୍ସ ପାଇଁ ପ୍ରତ୍ୟେକ ହେକ୍ଟର ପ୍ରତି ଟ.୫୦୦୦/– Additional Charge ନିଆଯିବ । (୧୫). ୫ ହେକ୍ଟର ବିଶିଷ୍ଟ ସୈରାତ ଉତ୍ସପାଇଁ Mining Plan ବାବଦକୁ ଟ.୪୦୦୦୦/–ଙ୍କା ପୈଠ କରିବାକୁ ହେବ । (୧୬). ପରିବେଶ ମଞ୍ଜୁରୀ ପାଇଁ ସମୁଦାୟ ରୟଲଟି ଅର୍ଥର ୨୫ ଭାଗ ଅର୍ଥ ପୈଠ କରିବାକୁ ପଡ଼ିବ । (୧୭). ପଥର ଖାଦନ Scrutiny Fees ପାଇଁ ଟ.୧,୦୦,୦୦୦/–ଙ୍କା ବ୍ୟାଙ୍କ ଡ୍ରାଫଟ୍ ଦେବାକୁ ପଡିବ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ(ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.gajapati.nic.in ରେ ଉପଲବ୍ଧ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

**ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ :** ପାରଳାଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ତା. 02.01.2019 ରିଖ କିମ୍ବା ତା. 03.01.2019 ରିଖ ଦିବା ଘ.**11.00** ଟିକା, ନିଲାମ ତାରିଖ ଦିନ ଲିଜ୍ ଦରଖାସ୍ତକାରୀ ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ ।

## ସୈରାତ ଉତ୍ସ(ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ବିବରଣୀ

| କ୍ର.ନଂ | ସୈରାତ ଉତ୍ସର କେସ୍ ନଂ | ସୈରାତ ଉତ୍ସଗୁଡିକ ର ନାମ | ରିଜସ୍ବ ମୌଜାର ନାମ | ଖାତା ନଂ | ଖସଡା (ପ୍ଲଟ ନଂ) | ସଇରତ ଉତ୍ସର ରକବା | ଅମାନତ ଅର୍ଥ ରାଶି | ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ (ଟଙ୍କା) | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧. | ୦୧/୧୮–୧୯ | ଉପଲତା ପଥର ଖାଦାନ–୧ | ଉପଲତା | ୩୭୬ | ୧୭୨୦ | ଏ.୩୧.୬୨୦ | ଟ.୪୬୯୨୮/– | ଟ.୧୩୦/– | |
| ୨. | ୦୨/୧୮–୧୯ | ରଣଦେବୀ ପଥର ଖାଦନ | ବାଗଶାଳା | ୧୨୬ | ୧୭୬ | ଏ.୩୫.୪୮୦ | ଟ.୪୮୩୫୭/– | ଟ.୧୩୦/– | |
| ୩. | ୦୩/୧୮–୧୯ | ସାମବାଲସା –୨ ପଥରଖାଦନ | ସାମବାଲସା | ୮୨ | ୧୩୦ | ଏ.୨୪.୭୭୧ | ଟ.୩୭୨୦୫/– | ଟ.୧୩୦/– | |

ତହସିଲଦାର, ପାରଳାଖେମୁଣ୍ଡି

ପରିପତ୍ର ସଂଖ୍ୟା. ୭୩୭୦/ ସଇରତ ତାରିଖ.୧୭.୧୨.୨୦୧୮

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନୀରିକ୍ଷକଙ୍କୁ ପ୍ରେରଣ କରାଗଲା ଏବଂ ସେମାନଙ୍କୁ ନିର୍ଦ୍ଦେଶ କରାଗଲାଯେ ସେମାନେ ଏହି ବିଜ୍ଞାପନର ଏକକିତା ନକଲ ନିଜ ନିଜ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଲଟକାଇବେ, ଅନ୍ୟ ଏକକିତା ନକଲ ମଣ୍ଡଳର ସମସ୍ତ ଗ୍ରାମରେ ଢେଣ୍ଡୁରା ମାଧ୍ୟମରେ ବହୁଳଭାବେ ପ୍ରଚାର କରି ତୃତୀୟ କିତା ନକଲରେ ସମସ୍ତ ବିରବଣୀ ଦର୍ଶାଇ ସୈରାତ ଉତ୍ସ ଗୁଡିକର ନକ୍ସା ତିଆରି କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଧାର୍ଯ୍ୟ ତାରିଖ ପୂର୍ବରୁ ପ୍ରେରଣ କରିବେ ।

ତହସିଲଦାର, ପାରଳାଖେମୁଣ୍ଡି

ପରିପତ୍ର ସଂଖ୍ୟା. ୭୩୭୧/ ସଇରତ ତାରିଖ. ୧୭.୧୨.୨୦୧୮

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଜପତି/ଉପ–ଜିଲ୍ଲାପାଳ, ପାରଳାଖେମୁଣ୍ଡି/ ଗୋଷ୍ଠି ଉନ୍ନୟନ ଅଧିକାରୀ, ଗୋଷାଣୀ/ କାର୍ଯ୍ୟନିର୍ବାହୀ ଅଧିକାରୀ ପାରଳାଖେମୁଣ୍ଡି ପୌରପାଳିକାଙ୍କ ତାଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଗୋଚରା ଅର୍ଥେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ପାରଳାଖେମୁଣ୍ଡି

ପରିପତ୍ର ସଂଖ୍ୟା. ୭୩୭୨/ ସଇରତ ତାରିଖ. ୧୭.୧୨.୨୦୧୮

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଗଜପତିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା । ଏହି ଦୀର୍ଘମିଆଦି ଲୀଜ୍ ନିମନ୍ତେ ନିଲାମ ଇସ୍ତାହାରକୁ ଦୁଇଗୋଟି ପ୍ରମୁଖ ଆଞ୍ଚଳିକ ସମ୍ବାଦପତ୍ରରେ ବିଜ୍ଞାପନ ଦେବାକୁ ବିଶେଷ ଅନୁରୋଧ କରି ଓ ଏହି ସମ୍ବନ୍ଧରେ ବିଜ୍ଞାପନ ଖର୍ଚ୍ଚ ସଂପୃକ୍ତ ବିଭାଗକୁ ପଠାଇବା ପାଇଁ ଅନୁରୋଧ କରାଗଲା ।

ତହସିଲଦାର, ପାରଳାଖେମୁଣ୍ଡି

ପରିପତ୍ର ସଂଖ୍ୟା. ୭୩୭୩/ ସଇରତ ତାରିଖ. ୧୭.୧୨.୨୦୧୮

ଏହାର ଏକକିତା ନକଲ **D.I.O., NIC,** ଗଜପତିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଏହି ନିଲାମ ଇସ୍ତାହାରକୁ ଜିଲ୍ଲା ୱେବ୍‌ସାଇଟ୍ **www.gajapati.nic.in** ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ **Upload** କରିବାକୁ ବିଶେଷ ଅନୁରୋଧ ।

ତହସିଲଦାର, ପାରଳାଖେମୁଣ୍ଡି

Scanned by CamScanner